### ସଂକଟରେ ମତ୍ସ୍ୟଜୀବୀ

# ମାଛଧରା କାର୍ଯ୍ୟକ୍ରମ ଅନିର୍ଦ୍ଦିଷ୍ଟକାଳ ବର୍ଜନ ନିଷ୍ପତ୍ତି

ପାରାଦୀପ (ଅମୃତ ମିଡିଆ) : ମତ୍ସ୍ୟଜୀବୀ ଙ୍କ ଜୀବିକା ସହ ଜଡିତ ଦୀର୍ଘଦିନର ସମସ୍ୟା ଗୁଡିକର ସମାଧାନ ନହେବା ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ସାମୁଦ୍ରିକ ମାଛଧରା କାର୍ଯ୍ୟକଳାପକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବର୍ଜନ କରିବାକୁ ଓଡିଶା ମେରାଇନ ଫିସ ପ୍ରଡ୍ୟୁସର୍ସ ଆସୋସିଏସନ (ଓମ୍ପା) ସାଧାରଣ ବୈଠକରେ ନିଷ୍ପତି ହୋଇଛି । ଶନିବାର ପୂର୍ବାହ୍ନ ରେ ସଙ୍ଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓମ୍ପା ର ସଭାପତି ଶ୍ରୀକାନ୍ତ ପରିଡା ସୂଚନା ଦେଇ କହିଥିଲେ ଯେ ଓମ୍ପା ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ର, ବିଶେଷକାରି ପାରାଦୀପର ଅବନତିଶୀଳ ପରିସ୍ଥିତି ନେଇ ଗଭୀର ଚିନ୍ତା ପ୍ରକଟ କରିଛି । ଭାରତର ପୂର୍ବ ଉପକୂଳର ଅନ୍ୟତମ ବୃହତ୍ତମ ମତ୍ସ୍ୟ କେନ୍ଦ୍ର ଭାବେ ପରିଚିତ ପାରାଦୀପ ସମ୍ପ୍ରତି ଘୋର ଆର୍ଥିକ ଓ ପରିଚାଳନାଗତ ସଙ୍କଟ ଦେଇ ଗତି କରୁଛି କ୍ଷ ସଙ୍ଘ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହି ସମସ୍ୟା ଗୁଡିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି । ପାରାଦୀପ ସାମୁଦ୍ରିକ ମତ୍ସ୍ୟ ଶିଳ୍ପରେ ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜୀବିକା ନିର୍ବାହ କରି

ଆସୁଛନ୍ତି । ଏଠାରେ ୬୩୪ ଯାନ୍ତ୍ରିକ ଓ ୧୫୮ଟି ମୋଟର ଚାଳିତ ନୌକା ରହିଛି, ଯାହା ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଓ ଭୂମିକା ରହିଛି । ତେବେ ବର୍ତ୍ତମାନ ମତ୍ସ୍ୟଜୀବୀ ମାନଙ୍କ ଆଗରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଡିଜେଲ ମୂଲ୍ୟର ଅହେତୁକ ବୃଦ୍ଧି । ସାଧାରଣରେ ଡିଜେଲ ଲିଟର ପିଛା ୧୦୧ ଟଙ୍କା ଥିବା ବେଳେ ଫିସିଙ୍ଗ ହର୍ବର ଉପଭୋକ୍ତା କେନ୍ଦ୍ରରେ ମତ୍ସ୍ୟଜୀବୀ ମାନଙ୍କୁ ୧୪୨ ଟଙ୍କା ପ୍ରତି ଲିଟର ଦରରେ ଡିଜେଲ କିଣିବାକୁ ବାଧ କରଯାଉଛି । ପ୍ରତି ଲିଟର ୪୦ ଟଙ୍କା ଅତିରିକ୍ତ ବ୍ୟୟ ମତ୍ସ୍ୟଜୀବୀ ଙ୍କ ପାଇଁ ଅସହ୍ୟ ହୋଇପଡିଛି । ଆନ୍ଧ୍ରପ୍ରଦେଶ ଓ ଗୁଜରାଟ ଭଳି ପଡୋଶୀ ରାଜ୍ୟର ମତ୍ସ୍ୟଜୀବୀ ମାନେ ବିଭିନ୍ନ ପ୍ରକାରର ଡିଜେଲ ସବସିଡି ଓ ଇନ୍ଧନ ସହାୟତା ପାଉଥିବା ବେଳେ, ଓଡିଶା ମତ୍ସ୍ୟଜୀବୀ ମାନେ ସମାନ ଅବଦାନ ସତ୍ୱେ ସେହି ସୁବିଧାରୁ ବଞ୍ଚିତ ରହିଛନ୍ତି । ସେହିପରି ବଢୁଥିବା ପରିଚାଳନା ଖର୍ଚ୍ଚ ଓ ହ୍ରାସ ପାଉଥିବା ଆୟ, ବାତ୍ୟା ଓ ମାଛଧରା ଉପରେ କଟକଣା, ପାରାଦୀପ ଉପକୂଳରେ ସାମୁଦ୍ରିକ ପ୍ରଦୂଷଣ ପାଇଁ ମତ୍ସ୍ୟ ଉତ୍ପାଦନରେ କ୍ଷତିଗ୍ରସ୍ତ କରିଛି ।ତେବେ ସଂଘର ମୁଖ୍ୟ ଦାବୀ ମଧ୍ୟରେ ଫିସିଙ୍ଗ ହର୍ବର ଆଉଟଲେଟ ମାଧ୍ୟମରେ ସାଧାରଣ ଖୁଚୁରା ଦରରେ ଡିଜେଲ ଯୋଗାଣ, ବଲ୍କ ଇଣ୍ଡଷ୍ଟ୍ରିଆଲ ଡିଜେଲ ମୂଲ୍ୟ ବ୍ୟବସ୍ଥା ପ୍ରତ୍ୟାହାର, ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରକୁ କୃଷି କ୍ଷେତ୍ରର ସୁବିଧା ଓ ସୁରକ୍ଷା ପ୍ରଦାନ, ସମବାୟ ଉପଭୋକ୍ତା କେନ୍ଦ୍ର ମାଧ୍ୟମରେ ଖୁଚୁରା ଦରରେ ଡିଜେଲ ଯୋଗାଣ, ପାରାଦୀପ ଉପକୂଳରେ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କାର୍ଯ୍ୟକାରୀ ପଦକ୍ଷେପ, ସମସ୍ତ ଉପକୂଳ ରାଜ୍ୟର ମତ୍ସ୍ୟଜୀବୀ ଙ୍କ ପାଇଁ ସମାନ ଇନ୍ଧନ ସହାୟତା ଓ କଲ୍ୟାଣ ସୁବିଧା ସୁନିଶ୍ଚିତ କରିବା ପାଇଁ ଏକ ଜାତୀୟ ନୀତି ପ୍ରଣୟନ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ଉପସଭାପତି ମାନସ ରଞ୍ଜନ ପଡିହାରୀ ଓ ପ୍ରହଲ୍ଲାଦ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଚନ୍ଦ୍ର ଶେଖର ମହାନ୍ତି, ସଂଗଠନ ସମ୍ପାଦକ ବସନ୍ତ କୁମାର ମହାନ୍ତି, ସହ-ସମ୍ପାଦକ ସରୋଜ କୁମାର ବୋଇତେଇ ଓ ନିରଞ୍ଜନ ବେହେରା, କୋଷାଧ୍ୟକ୍ଷ ପୁରନ୍ଦର ବିଶ୍ୱାଳ ଙ୍କ ସମେତ ପାରମ୍ପରିକ ବୋଟ ମାଲିକ ନେତା ସୁବା ରାଓ ବାବୁ,ଟାଟା ବାବୁ, ଗୋନ୍ଦୁଡୁ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

### ବଦଳି ଆଦେଶ କାର୍ଯ୍ୟକାରୀ ନହେବା ପଛରେ ରହସ୍ୟ

# ରାଜନୈତିକ ହସ୍ତକ୍ଷେପ ନା ଅର୍ଥକାରବାର

ନୀଳଗିରି (ଅମୃତ ମିଡିଆ) : ଗତ କିଛି ଦିନ ତଳେ ବାଲେଶ୍ୱର ଜିଲ୍ଲା ପୂର୍ବାଞ୍ଚଳ ଡି ଆଇ ଜିଙ୍କ ପାତ୍ର ସଂଖ୍ୟା ୭୨ତା ୨୨.୫.୨୬ରିଖରେ ୯ଜଣ ଆରକ୍ଷୀ ନିରୀକ୍ଷକଙ୍କୁ ବଦଳି ଆଦେଶ ପ୍ରଦାନ କରିଥିଲେ ହେଁ ବରହମପୁର ଥାନାର ଆରକ୍ଷୀ ନିରୀକ୍ଷକ ଶ୍ରୀମତୀ ପ୍ରମୋଦ ନାୟକଙ୍କୁ ମୟୁରଭଞ୍ଜ ଜିଲ୍ଲାକୁ ବଦଳି କରାଯାଇଥିଲେ ମଧ୍ୟ ସେ ଅଧାବଧି ଥାନା ଛାଡ଼ି ନଥିବାରୁ ଏହା ପଛରେ କୌଣସି ରାଜନୈତିକ ହସ୍ତକ୍ଷେପ ନା ଅନ୍ୟ କିଛି ତାହା ଏଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସବୁଠାରୁ ବଡ଼ ପ୍ରଶ୍ନ ବାଲେଶ୍ୱର ଡି ଆଇ ଜି ବଦଳି ଆଦେଶ କରିଥିବା ବେଳେ ବଦଳି ସ୍ଥାନକୁ ରିଲିଭର ନପଠାଇବା ଫଳରେ ତାଙ୍କ ଆଦେଶ କାର୍ଯ୍ୟକାରୀ ହୋଇପାରି ନଥିବାରୁ ସନ୍ଦେହ ଦେଖାଦେଇଛି । ଯାହା ଫଳରେ ବଦଳି ହୋଇଥିବା ଥାନା ଅଧିକାରୀ ମାନେ ନୂତନ ସ୍ଥାନରେ ଯୋଗ ଦେଇପାରୁ ନାହାନ୍ତି । ଅନ୍ୟ ପକ୍ଷରେ ବଦଳି ଆଦେଶ ପାଇ ଯେ କୌଣସି ମୁହୂର୍ତ୍ତରେ ନୂତନ ସ୍ଥାନରେ ଯୋଗଦାନ ଦେବା ସମ୍ଭାବନା ଥିବାରୁ ବରହମପୁର ଥାନା ଅଧିକାରୀଣୀ ବିଭିନ୍ନ ମାଫିଆ ମାନଙ୍କ ମୋଟା ଅଙ୍କର ଅର୍ଥ ଆଦାୟ କରିଚାଲିଥିବାର ଅଭିଯୋଗ ଉଠିଛି । ପୁଣି ବରହମପୁର ଥାନାର କମ୍ପୁଟର ଅପରେଟଙ୍କ ମାଧ୍ୟମରେ ଥାନାରେ ମୋଟା ଅଙ୍କରେ ଅର୍ଥ କାରବାର କରୁଥିବାର ଅଭିଯୋଗ ଉଠିଛି । ଡାଟା ଏଣ୍ଟ୍ରି ଅପରେଟର ଦୀର୍ଘ ବର୍ଷ ରହି ବିଭିନ୍ନ ମାଫିଆ ମାନଙ୍କ ଠାରୁ ଆରମ୍ଭ କରି ଚୋରା ମଦ ବେପାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହ ସମ୍ପର୍କ ଥିବାରୁ ଥାନା ଅଧିକାରୀଣୀଙ୍କ ସହାୟତାରେ ବେଶ ମାଲେମାଲ ହେଉଥିବାର ଅଭିଯୋଗ ଉଠିଛି । ଡାଟା ଏଣ୍ଟ୍ରି ଅପରେଟର ଥାନାରେ ରହି ମୋରମ ମାଫିଆ, ଚୋରା ମଦ ବେପାରୀଙ୍କ, କାଠ ବେପାରୀ ସହିତ ସୁସମ୍ପର୍କ ରଖି ଏବେ ଡାଟା ଏଣ୍ଟ୍ରିରେ ମନଧ୍ୟାନ ନଦେଇ ଆଇ ଆଇ ସିଙ୍କ ସେବା ଓ ଯୋଗସୂତ୍ର କରାଇ ମୁଦେଇ ୧୦ ଲେଖେଇ ୧୦ ନୀତି ଅବଲମ୍ବନ କରୁଥିବାରୁ ଆଇ ଆଇ ସି ଖୁସ ଡାଟା ଏଣ୍ଟ୍ରି ବି ଖୁସ ହେଉଥିବାର ବହୁ ମାଫିଆ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି । ଦୀର୍ଘ ଏକ ମାସ ବିତିବାକୁ ବସିଥିବା ବେଳେ ଡି ଆଇ ଜି ଙ୍କ ଆଦେଶ କାର୍ଯ୍ୟକାରୀ ହେବାରେ କାହିଁକି ବିଳମ୍ବ ହେଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଭିଯୋଗକରୀ ବରହମପୁର ଥାନାରେ ଅଭିଯୋଗ କରିଲେ ସେମାନଙ୍କ ଅଭିଯୋଗର କପି ପାଇନଥିବାରୁ ଅସନ୍ତୋଷ ଦେଖାଦେଇଛି । ତାର ସଦ୍ୟ ଉଦାହରଣ ଗତ ୨୬.୪.୨୬ରିଖରେ ନରଣପୁର ଗ୍ରାମର ରତିକାନ୍ତ ପରିଡ଼ା ଏତଲା ଦେଇଥିବା ବେଳେ ଏତଲାର କପି ପାଇ ନଥିବାରୁ ସୂଚନା ଅଧିକାର ଆଇନ ବଳରେ ମାଗିଥିବା ତାର ଉତ୍ତର ଏଜବତ ତାଙ୍କୁ ମିଳିପାରି ନାହିଁ । ଯାହାକୁ ନେଇ ଶ୍ରୀ ପରିଡ଼ା ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଏଠି ପ୍ରଶ୍ନ ଉଠେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯଦି ଏମିତି ନ୍ୟାୟ ତେବେ ଜନସାଧାରଣଙ୍କୁ କେମିତି ଓ କେତେ ନ୍ୟାୟ ମିଳୁଥିବା ଏହି ଗୋଟିଏ ପ୍ରମାଣରୁ ସ୍ପଷ୍ଟ ଅନୁମେୟ । ଏକମାସ ଧରି ଯଦି ବଦଳି ନିର୍ଦ୍ଦେଶ ଦିଆଗଲା ତାହା ଯଦି ଅଦ୍ୟାବଧି କାର୍ଯ୍ୟକାରୀ ନହେଲା ତେବେ ବଦଳି ନିର୍ଦ୍ଦେଶ ଡି ଆଇ ଜି ଦେଲେ କାହିଁକି ? ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଜନସାଧାରଣ ବରହମପୁର ଆଇ ଆଇ ସି ଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

### ପେନ୍‌ସନ ଓ ଅବସର ପ୍ରାପ୍ୟ ନ ମିଳିବା ମାମଲା

# ଦୁଇଅଧିକାରୀଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ (ବ୍ୟୁରୋ) : ଅବସର ଗ୍ରହଣ କରିବାର ଦୀର୍ଘ ୧୪ ବର୍ଷ ବିତିଯାଇଥିଲେ ମଧ୍ୟ ଜଣେ କର୍ମଚାରୀଙ୍କୁ ପେନ୍‌ସନ ଓ ଅନ୍ୟ ଅବସର ସୁବିଧା ନ ମିଳିବା ଘଟଣାରେ ଓଡ଼ିଶା ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି । ସୁରେନ୍ଦ୍ର କୁମାର ଚୌବେ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାୟର ହୋଇଥିବା ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଦୁଇ ଜଣ ସରକାରୀ ଅଧିକାରୀଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ କଳାହାଣ୍ଡି ଜିଲାପାଳଙ୍କୁ ହାଜର କରାଇବାକୁ କଳାହାଣ୍ଡି ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଆବେଦନକାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ

ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ଓ କଳାହାଣ୍ଡି ଜିଲାପାଳଙ୍କୁ ଦରମା ପ୍ରଦାନ କରାଯିବ ନାହିଁ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଉକ୍ତ ଅଧିକାରୀମାନେ ଆବେଦନକାରୀଙ୍କ ପେନସନ ମଞ୍ଜୁର ହୋଇଥିବାର ଠିକ୍ କାଗଜପତ୍ର କୋର୍ଟରେ ଦାଖଲ କରିବେ, ତେବେ ଯାଇ ସେମାନେ ଦରମା ବନ୍ଦ ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି ।

### ଚକ୍ରଧରପୁରରେ ମଦମୁକ୍ତ ଅଭିଯାନ

# ମହିଳାଙ୍କ ଶପଥ ଘରୁ ଆରମ୍ଭ ହେବ ସଚେତନତା

ପାରାଦୀପ (ଅମୃତ ମିଡିଆ) : ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଚକ୍ରଧରପୁର ଗ୍ରାମରେ ମଦମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଓ ମଦମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଦେବଦୂତ ସଡକ ବାହିନୀର ସଭାପତି ପଙ୍କଜ କୁମାର ତରାଇ ଏବଂ ସମାଜସେବୀ ପ୍ରଭାତ କୁମାର ବେହେରା ଯୋଗଦେଇ ମହିଳାମାନଙ୍କୁ ସଡକ ସୁରକ୍ଷା ଓ ନିଶାମୁକ୍ତ ଜୀବନ ସମ୍ପର୍କରେ ସଚେତନ କରିଥିଲେ । ବକ୍ତାମାନେ କହିଥିଲେ ଯେ, ସଡକ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଅନେକ ଲୋକ ବିନା ହେଲମେଟରେ ଗାଡି ଚଳାଇବା ଏବଂ ନିଶାସକ୍ତ ଅବସ୍ଥାରେ ବାଇକ ଚାଳନା କରିବା ଭଳି ଅସାବଧାନତା କାରଣରୁ ଦୁର୍ଘଟଣାର ଶିକାର ହେଉଛନ୍ତି । ବିଶେଷ କରି କଟକ-

ପାରାଦୀପ ରାସ୍ତାରେ ଘଟୁଥିବା ଅନେକ ଦୁର୍ଘଟଣା ପଛରେ ମଦ୍ୟପାନ ଓ ବେପରୁଆ ଗାଡି ଚାଳନା ଏକ ପ୍ରମୁଖ କାରଣ ବୋଲି ସେମାନେ ମତ ପ୍ରକାଶ କରିଥିଲେ ।ଚକ୍ରଧରପୁର ଗ୍ରାମର ଅବିନାଶ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାଳିଶି ରୁ ଉର୍ଦ୍ଧ ମହିଳା ଯୋଗଦେଇଥିଲେ । ସମସ୍ତେ ନିଜ ନିଜ ପରିବାରରୁ ମଦମୁକ୍ତ ଅଭିଯାନ ଆରମ୍ଭ କରିବା ସହ ଗ୍ରାମରେ ମଦ ବିରୋଧୀ ସଚେତନତା ସୃଷ୍ଟି କରିବାକୁ ସପଥ ନେଇଥିଲେ ।

# ବିଏସ୍‌ଏଫ ତରଫରୁ ରକ୍ତଦାନ ଶିବିର

ଜୟପୁର (ଅମୃତ ମିଡିଆ) : ଜୟପୁର ଆନ୍ତର୍ଜାତୀୟ ରକ୍ତଦାତା ଦିବସ ଅବସରରେ, ୧୩ ଜୁନ୍ ୨୦୨୬ ରେ ୧୮୦ ବାଟାଲିୟନ, ସୀମା ସୁରକ୍ଷା ବାହିନୀର ମିଳିତ ତତ୍ତ୍ୱାବଧାନରେ, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମାଜ (OSACS) ସହଯୋଗରେ କୋରାପୁଟର ସେକ୍ଟର ମୁଖ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ।୧୮୦ ବାଟାଲିୟନ ଇଝରର କମାଣ୍ଡାଣ୍ଟ ଶ୍ରୀ ନାଓରେମ ଗୋପୀନାଥ ସିଂହଙ୍କ ଦ୍ୱାରା ରକ୍ତଦାନ ଶିବିରର ଉଦଘାଟନ କରାଯାଇଥିଲା । ଏହି ଅବସରରେ, ଡକ୍ଟର ଏମ. ଏସ. ବଲିଆରସିଂ (ଇଉଡ)ଙ୍କ ନେତୃତ୍ୱରେ, ଝଖଘ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟର ଡାକ୍ତରୀ ଦଳ ସଫଳତାର ସହିତ ରକ୍ତଦାନ ଶିବିର ପରିଚାଳନା କରିଥିଲେ । ସୀମା ସୁରକ୍ଷା ବାହିନୀର ଅଧିକାରୀ, ଅଧସ୍ତନ

ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଶିବିରରେ ଅଂଶଗ୍ରହଣ କରିଥିଲେ, ମୋଟ ୯୨ ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ ।ସୀମା ସୁରକ୍ଷା ବାହିନୀ ହୀରକ ଜୟନ୍ତୀ ପାଳନ (୧୯୬୫-୨୦୨୫) ଅନ୍ତର୍ଗତ ଆୟୋଜିତ ବିଭିନ୍ନ ଜନହିତକର କାର୍ଯ୍ୟକଳାପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ରକ୍ତଦାନ ଶିବିର । ଏହି ଅବସରରେ, ସୀମା ସୁରକ୍ଷା ବାହିନୀର ଅଧିକାରୀ, ପରିବାର ସଦସ୍ୟ ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ, ମାନବିକ ସେବା ଏବଂ ସାମାଜିକ ଦାୟିତ୍ୱ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ । ଶିବିରରେ, ମୋଟ ୯୨ ଜଣ କର୍ମଚାରୀ ଏବଂ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ୯୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା, ଯାହା ମାନବ ସେବା ଏବଂ ସାମାଜିକ ଦାୟିତ୍ୱର ଏକ ଅନୁକରଣୀୟ ମଡେଲ ଉପସ୍ଥାପନ କରିଥିଲା ।କାର୍ଯ୍ୟକ୍ରମ ସମୟରେ, ଅଧିକାରୀମାନେ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ସମସ୍ତଙ୍କୁ ନିୟମିତ ଭାବରେ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ । ଶିବିରଟି ସଫଳତାର ସହିତ ସମାପ୍ତ ହୋଇଥିଲା, ଏବଂ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମାଜ ସମସ୍ତ ରକ୍ତଦାତା ଏବଂ ସମର୍ଥକଙ୍କୁ କୃତଜ୍ଞତା ଜଣାଇଥିଲେ ।

### ବିକାଶର ଧାରା ଓଡ଼ିଶା ସାରା

# ଦ୍ୱିତୀୟ ଦିବସରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା

ଖୋର୍ଦ୍ଧା (ଅମୃତ ମିଡିଆ) : ଜିଲ୍ଲା ସଦର ମହକୁମା ଜୟୀ ରାଜଗୁରୁ ଟାଉନ୍ ହଲ୍ ଓ ସଦର ତହସିଲ ପରିସରରେ ଆରମ୍ଭ ହୋଇଥିବା ତିନିଦିନିଆ ବିକାଶର ଧାରା ଓଡ଼ିଶା ସାରା ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସମ୍ମିଳନୀ ଆଜି ଦ୍ୱିତୀୟ ଦିବସ ପୂର୍ବାହ୍ନରେ ଟାଉନ୍ ହଲଠାରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଜୈବିକ କୃଷି କର୍ମଶାଳା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ମନୋରଞ୍ଜନ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଜୈବିକ କୃଷିର ମୂଳ ଧାରଣ ଓ ଗୁରୁତ୍ୱ, ମୃର୍ତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବିକ ସାର ଓ ଜୈବ କୀଟନାଶକ ବ୍ୟବହାର ପ୍ରାକୃତିକ ଚାଷ ପ୍ରଣାଳୀ, ଜୈବିକ ପ୍ରମାଣୀକରଣ ଓ ବଜାର ସୁଯୋଗ ଏବଂ ସଫଳ ଚାଷୀଙ୍କ ଅନୁଭୂତି ବିନିମୟ କୁ ନେଇ ଅନୁଷ୍ଠିତ ହୋଇଯାଇଅଛି । ଦିବସର କର୍ମଶାଳାରେ ସହକାରୀ ନିର୍ଦ୍ଦେଶିକା, ଉଦ୍ୟାନ କୃଷି ଶ୍ରେୟା ଶାଶ୍ୱତୀ, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ, ସଦାଶିବ ମହାପାତ୍ର, ମୃର୍ତ୍ତିକା ସଂରକ୍ଷଣ ଅଧିକାରୀ, ଶ୍ରୁତି ନନ୍ଦ, କୃଷି ଜିଲ୍ଲା ଅଧିକାରୀ ସୁବ୍ରତ ରଥ, ସହକାରୀ ନିବନ୍ଧକ, ସମବାୟ ସମିତି,ବି ମହାରଣା, ବ୍ଲକ୍ ପଶୁ ଚିକିତ୍ସା ଅଧିକାରୀ, ଡାକ୍ତର ପ୍ରଜ୍ଞା ହରିଚନ୍ଦନ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ କୁ ଆଗେଇ ନେଇ ଖୋର୍ଦ୍ଧା ଜିଲ୍ଲାକୁ ସମଗ୍ର ରାଜ୍ୟରେ ଏକ ନମ୍ବର କରିବା ସହ ବିକଶିତ ଓଡ଼ିଶା ଗଠନ ୨୦୩୬ କୁ ସାକାର କରିବା ପାଇଁ ଅତିଥି ମାନେ ଚାଷୀ କୃଷକ ମାନଙ୍କୁ ଆଧୁନିକ ଯନ୍ତ୍ରପାତି ବ୍ୟବହାର ସହ ଜୈବ ବିବିଧତା ପଦ୍ଧତିରେ ଚାଷ କାର୍ଯ୍ୟ କରି ମାଟି ମାର ସୁରକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ କ୍ଷ ଅତିଥି ମାନେ କହିଥିଲେ ମାଟି ମା ର ସୁରକ୍ଷା ହେଲେ କୃଷି ବଞ୍ଚିବ । ସେହିପରି କୃଷିଜାତ ଦ୍ରବ୍ୟ ସାମଗ୍ରୀର ବଜାର ବିପଣନ ଦିଗରେ ଓମ୍ଫେଡ, ନାଫେଡ ର ସହଭାଗିତା ଏବଂ ସମବାୟ ବିଭାଗ କମନ୍ ସର୍ଭିସ୍ କେନ୍ଦ୍ରର ସୁବିଧା ନେବାକୁ ସମବାୟ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନତା କରାଯାଇଥିଲା । ଉଦ୍ୟାନ କୃଷି ର ସଫଳତା ବିଭିନ୍ନ ଚାଷ ଫୁଲ ଚାଷ, ପନିପରିବା ଚାଷ, ଛତୁ ଚାଷ, ଅମୃତ ଭଣ୍ଡା, କଦଳୀ ଚାଷ, ଜିଆଖତ ଟାଙ୍କି ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସବସିଡ ଓ ଏହାର ଫାଇଦା ନେବା ଦିଗରେ ସହକାରୀ ନିର୍ଦ୍ଦେଶିକା, ଉଦ୍ୟାନ କୃଷି ଶ୍ରେୟା ଶାଶ୍ୱତୀ ତଥ୍ୟ ପ୍ରଦାନ କରିଥିଲେ । ସବୁଜ ସାର ଏବଂ ଜୈବିକ ସାର ଉପଯୋଗ କ୍ଷେତ୍ରରେ କୃଷି ଜିଲ୍ଲା ଅଧିକାରୀ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ବ୍ଲକର ଉଲ୍ଲେଖନୀୟ ଅବଦାନ ପାଇଁ ମୃତ୍ତିକା ସଂରକ୍ଷଣ ରେ ରବି ନାରାୟଣ ଜେନା, ଉଦ୍ୟାନ କୃଷି ରେ ସୁନୀତା ବେହେରା, ବିରଞ୍ଚି ନାରାୟଣ ସାହୁ, କୃଷିରେ ସୁବ୍ରତ ପଟ୍ଟନାୟକ, ସଂଗ୍ରାମ କୁମାର ପଲାଇ, ନିରଞ୍ଜନ ମହାନ୍ତି, ଅଲେଖ ପରିଡ଼ା, ରାଜ୍‌କିଶୋର ମୁଖି, ସୋନାଲିଶା ଦାଶ ଙ୍କୁ ସାର୍ଟିଫିକେଟ ଓ ଉତ୍ତରୀୟ ପୂର୍ବକ ସମ୍ମାନିତ କରାଯାଇଥିଲା । ବିଶ୍ୱନାଥ ସାହୁ, କବିରାଜ ସାମନ୍ତ ସିଂହାର, ଜିତେନ୍ଦ୍ର ଆଚାର୍ଯ୍ୟ, ଦେବେନ୍ଦ୍ର ପ୍ରଧାନ, ଶ୍ରୀନିବାସ ପ୍ରଧାନଙ୍କୁ ମାର୍ଟି ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା । ଶେଷରେ ସହକାରୀ ନିର୍ଦ୍ଦେଶକ, କୃଷି, ବ୍ରଜ କିଶୋର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ । ମଞ୍ଚ ପରିଚାଳନା କୃଷି ବୈଷୟିକ ପରିଚାଳିକା ଚିନ୍ମୟୀ ତ୍ରିପାଠୀ ସମ୍ପାଦନ କରିଥିଲେ କ୍ଷ ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମସ୍ତ ବ୍ଲକ୍ କୃଷି ଅଧିକାରୀ, କୃଷି କର୍ମଚାରୀ, ଜନ ପ୍ରତିନିଧି, ଚାଷୀ ଓ କୃଷକ ସମେତ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ମରଣଯନ୍ତା ପାଲଟିଛି ମଙ୍ଗୁଳିଛକ

ଟାଙ୍ଗୀ ଚୌଦ୍ୱାର (ଅମୃତ ମିଡ଼ିଆ) : ମଙ୍ଗୁଳି ଛକ ରୁ ଚୌଦ୍ୱାର ଦେଇଯାଇଥିବା ଜାତୀୟ ରାଜପଥ ଏନଏଚ ୫୫ କୁ କିଛି କଣ୍ଟ୍ରାକ୍ଟର ଖୋଳି ଦେବାରୁ ଜନସାଧାରଣ ତଥା ବଡ଼ ଗାଡି ଚଳାଚଳ ରେ ଅସୁବିଧା ହେଉଅଛି । ଏପରିକି ଆଜି ସକାଳ ସମୟରେ ଏକ ବସ ସହ ପିକଅପ ଭ୍ୟାନ ସହ ଦୁର୍ଘଟଣା ଘଟିବା ସହିତ ଏକ ଅଟକୁ ମଧ୍ୟ ଧକ୍କା ଦେଇଥିଲା । ଫଳରେ ଅଟୋ

ଡ୍ରାଇଭର ଚୌଦ୍ୱାର ସ୍ଥିତ ଏକ ଘରୋଇ ନର୍ସିଙ୍ଗହୋମ ରେ ଚିକିତ୍ସା ହେଉଥିବାର କଥା ସାମ୍ନା କୁ ଆସିଛି । ଏହି ଘଟଣା ଉପରେ ମଙ୍ଗୁଳି ଗ୍ରାମର କିଛି ଲୋକେ ରାଜରାସ୍ତା ଖୋଳା ହୋଇଥିବା ସ୍ଥାନରେ ପହଂଚିବା ସହିତ ଏନଏଚଆଇ କଣ୍ଟ୍ରାକ୍ଟର ଙ୍କ ଉପରେ ବାର୍ଷିଥିଲେ । ଏଥିସହିତ ଏହି କାର୍ଯ୍ୟ କୁ ତୁରନ୍ତ ବନ୍ଦ କରିବା ସହିତ ରାସ୍ତା କୁ ତୁରନ୍ତ ପୋତିବା ପାଇଁ କହିବା ସହିତ ଯଦି ଆଗାମୀ ଦିନ ରେ ଏହାର ସମାଧାନ ନହେଲେ ରାଜରାସ୍ତା ଅବରୋଧ ସହିତ ପ୍ରଶାସନ ଦାୟୀ ରହିବ ବୋଲି ଅଂଚଳବାସୀ ମାନେ ମତ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ରାସ୍ତା ଖୋଳା ହୋଇଥିବା ସ୍ଥାନ ନିକଟରେ ଏକ ବିରାଟ ମଦ ବାର ସହିତ ଶକ୍ତି ହୋଟେଲ ରହିଥିବାରୁ ଏହାର ବର୍ଜ୍ୟଜଳ ନିଷ୍କାସନ ପାଇଁ ଏହି କାର୍ଯ୍ୟ କରାଯାଉଛି ବୋଲି କିଛି ବୁଦ୍ଧିଜୀବୀ ଙ୍କ ମହଲରେ ଚର୍ଚ୍ଚା ଜୋରଧରିଛି ।